ରୋଗୀ କଲ୍ୟାଣ ସମିତି

# ଗୋଷ୍ଠୀ ଅଂଶଗ୍ରହଣ ମାଧ୍ୟମରେ ଡାକ୍ତରଖାନା /ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ନିମନ୍ତେ ଏକ ସଂକ୍ଷିପ୍ତ ମାର୍ଗଦର୍ଶିକା




ମିଶନ ନିର୍ଦ୍ଦେଶାଳୟ
ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ରୋଗୀ କଲ୍ୟାଣ ସମିତି ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରୋଗୀମାନଙ୍କ ସୁବିଧା ନିମନ୍ତେ ଏକ ପରିଚାଳନାଗତ ବ୍ୟବସ୍ଥା । ଏହା ସମସ୍ତ ସରକାରୀ ଡାକ୍ତରଖାନାରେ ଗଠନ କରାଯାଇଛି । ଏହି ସମିତି ଉନ୍ନୟନ ମୂଳକ କାର୍ଯ୍ୟାବଳୀ ସମ୍ପାଦନରେ ସହାୟତା କରିବା ସହିତ ଗୁଣାତ୍ମକ ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଅଛି ।

ଉକ୍ତ ସମିତି, ସଂଘ/ ସମିତି ପଞ୍ଜିକରଣ ଆଇନ ୧୮୬୦ ଅନୁଯାୟୀ ପଞ୍ଜିକୃତ ହୋଇଛି, ଏବଂ ଏହାର ପରିଚାଳନା ଦାୟିତ୍ୱରେ ସମିତିର ସଭ୍ୟମାନେ ନିଯୁକ୍ତ ।
ଏହା ସମ୍ବଳ ଉତ୍ପାଦନ କରିପାରିବ ଏବଂ ଉକ୍ତ ପାଣ୍ଠିର ବ୍ୟବହାର କରି ସହଜରେ କାର୍ଯ୍ୟ କରିବା ସହିତ ଗୁଣାତ୍ମକମାନର ସ୍ୱାସ୍ଥ୍ୟ ସେବା ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ ।

## ରୋଗୀ କଲ୍ୟାଣ ସମିତିର ଅଭିପ୍ରାୟ:

- ଜନ ସହଯୋଗରେ ଡାକ୍ତରଖାନା ପରିଚାଳନାରେ ଗୁଣାତ୍ମକ ଉନ୍ନତି ଆଣିବା
- ସ୍ୱାସ୍ଥ୍ୟ ଅନୁଷ୍ଠାନର ଉନ୍ନିତ କରଣ କରିବା ଏବଂ ଏହାର ଆଧୁନୀକୀକରଣ କରିବା, ଅନୁଷ୍ଠାନ ଗୁଡିକ ପାଇଁ ଯନ୍ତ୍ରପାତି କିଣିବା, ଶୃଙ୍ଖଳା ରକ୍ଷା ଏବଂ ଉତ୍ତର ଦାୟିତ୍ୱର ପର୍ଯ୍ୟାଲୋଚନାକୁ ନିଶ୍ଚିତ କରିବା ।
- ସ୍ୱାସ୍ଥ୍ୟ ସେବାଗୁଡିକର ଗୁଣାତ୍ମକ ମାନକୁ ଉନ୍ନତ କରିବା ସହିତ ତାକୁ ବଜାୟ ରଖିବା ପାଇଁ କାର୍ଯ୍ୟ ସମ୍ପାଦନ କରିବା ।
- ସ୍ୱାସ୍ଥ୍ୟ ଅନୁଷ୍ଠାନର ଅଭାବଗୁଡିକୁ ମେଣ୍ଟାଇବା ନିମନ୍ତେ ସମ୍ବଳ ବ୍ୟବସ୍ଥା କରିବା ପାଇଁ ସେବା ଉପଯୋଗ ଦେୟ ପ୍ରଚଳନ କରିବା ।
- ସ୍ୱାସ୍ଥ୍ୟ ଅନୁଷ୍ଠାନର ପରିଷ୍କାର ପରିଚ୍ଛନ୍ନତାକୁ ନିଶ୍ଚିତ କରିବା ।

## ରୋଗୀ କଲ୍ୟାଣ ସମିତିର କାର୍ଯ୍ୟାବଳୀ :

୧. ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ସ୍ଥାନୀୟ ସଙ୍ଗଠନ ଗୁଡିକୁ ସୁ-ସକ୍ରିୟ କରିବ ।

୨. ଡାକ୍ତରଖାନା/ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ ମାନେ ସମ୍ମୁଖିନ ହେଉଥିବା ସମସ୍ୟାଗୁଡିକୁ ଚିହ୍ନଟ କରିବା ।

୩. ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ରିହାତି ଦରରେ ଗୁଣାତ୍ମକମାନର ଖାଦ୍ୟ, ଔଷଧ, ପାନୀୟ ଜଳ ଯୋଗାଣକୁ ନିଶ୍ଚିତ କରିବା ।

୪. ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥାରେ ଉନ୍ନତି ଆଣିବା ।

୫. ଡାକ୍ତରଖାନାର ରକ୍ଷଣାବେକ୍ଷଣ ଓ ସେଥିପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ନିମନ୍ତେ ଗୋଷ୍ଠୀର ଅଂଶ ଗ୍ରହଣକୁ ଉତ୍ସାହିତ କରିବା ।

୬. ଡାକ୍ତରଖାନାର ଦୈନନ୍ଦିନ ପରିଚାଳନା ନିମନ୍ତେ ସ୍ଥାୟୀ ଓ ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ କରିବା ।

୧. ଡାକ୍ତରଖାନ/ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଯନ୍ତ୍ରପାତି, ସରଞ୍ଜାମ ଏବଂ ଆମ୍ବୁଲାନ୍ସ ସେବାର ରକ୍ଷଣାବେକ୍ଷଣ କରାଇବା ।

୨. ସହାୟକ ସେବା ଯଥା- ସଫେଇ ସେବା, ରଜକ ସେବା,ରୋଗନିରୂପଣ ସୁବିଧା ଏବଂ ଆମ୍ବଲାନ୍ସ ସେବା, ଭୋଜନାଳୟ ସୁବିଧା ଆଦି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବେସରକାରୀ ସଂସ୍ଥା ( ବ୍ୟକ୍ତି ବିଶେଷ ସମେତ ) ସହିତ ସହଭାଗିତା ଆରମ୍ଭ କରିବା ।

## ରୋଗୀକଲ୍ୟାଣ ସମିତିର ଗଠନ :

ରୋଗୀକଲ୍ୟାଣ ସମିତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , କ୍ୟାପିଟାଲ ହସ୍‌ପିଟାଲ/ରାଉରକେଲା ସରକାରୀ ହସ୍‌ପିଟାଲ, ଉପଖଣ୍ଡ ଚିକିତ୍ସାଳୟ, ବ୍ଲକ୍ ସ୍ତରୀୟ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର / ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର / ଉନ୍ନୀତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର , ଅଞ୍ଚଳ ଚିକିତ୍ସାଳୟ, ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗଠନ କରାଯାଇଅଛି । ରୋଗୀ କଲ୍ୟାଣ ସମିତି ୨ଟି କମିଟିକୁ ନେଇ ଗଠିତ ଯଥା-

- ✓ ପରିଚାଳନା ପରିଷଦ
- ✓ କାର୍ଯ୍ୟକାରୀ କମିଟି

**ପରିଚାଳନା ପରିଷଦ** - ପରିଚାଳନା ପରିଷଦ ହେଉଛି ପ୍ରଧାନ ନିଷ୍ପତି ଗ୍ରହଣ କରିବା ଦଳ ।

**କାର୍ଯ୍ୟକାରୀ କମିଟି** - ପରିଚାଳନା ପରିଷଦ ଦ୍ୱାରା ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି ।

## ପରିଚାଳନା ପରିଷଦ

## ଜିଲ୍ଲା ସଦର ମହକୁମା ଡାକ୍ତରଖାନ/କ୍ୟାପିଟାଲ ହସ୍ପିଟାଲ/ରାଉରକେଲା ସରକାରୀ ହସ୍ପିଟାଲ ପରିଚାଳନା ସମିତିର ପଦାଧିକାରୀ :

| | |
|---|---|
| ଅଧ୍ୟକ୍ଷ | : ଜିଲ୍ଲାପାଳ |
| ସହଯୋଗୀ ଅଧ୍ୟକ୍ଷ | : ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ |
| ସଭ୍ୟ– ସମ୍ପାଦକ | : ସହକାରୀ ଜିଲ୍ଲା ଚିକିତ୍ସାଧିକାରୀ (ମେଡିକାଲ) |
| ଉପ ସଭ୍ୟ–ସମ୍ପାଦକ | : ଡାକ୍ତରଖାନା ପରିଚାଳକ (Hospital Manager) |
| ଉପ କୋଷାଧକ୍ଷ | : ଜିଲ୍ଲା ହିସାବ ନିରୀକ୍ଷକ (District Accountant) |

**ସଭ୍ୟ ବୃନ୍ଦ :**

- ଡାକ୍ତରଖାନାର ବରିଷ୍ଠ ଚିକିତ୍ସାଧିକାରୀ
- ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ, ମ୍ୟୁନିସିପାଲ କର୍ପୋରେସନ୍
- ଜିଲ୍ଲା ଆୟୁର୍ବେଦିକ ଓ ହୋମିଓପାଥିକ୍ ଡାକ୍ତର
- ପଞ୍ଚାୟତରାଜ ଅନୁଷ୍ଠାନରୁ ଦୁଇ ଜଣ ପ୍ରତିନିଧି
- ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ୩ ଜଣ ବିଶିଷ୍ଟ ନାଗରିକ
- ମଦର ଏନ୍. ଜି.ଓ.ର ପ୍ରତିନିଧି
- ସ୍ଥାନୀୟ ମେଡିକାଲ କଲେଜର ପ୍ରତିନିଧି
- ଜିଲ୍ଲାରେ ଥିବା କରପୋରେଟ୍ ସେକ୍ଟର ଅଷ୍ଣ ଏନ୍. ଜି.ଓ.ର ଡାକ୍ତରଖାନାର ପ୍ରତିନିଧି (ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ)
- ସ୍ଥାନୀୟ ସାଂସଦ / ବିଧାୟକ କିମ୍ବା ତାଙ୍କର ପ୍ରତିନିଧି
- ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ୨ ଜଣ ମହିଳା ପ୍ରତିନିଧି
- ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (ମହିଳା ଓ ଶିଶୁ ବିକାଶ ବିଭାଗ )
- ଜିଲ୍ଲା ମଙ୍ଗଳ ଅଧିକାରୀ (ଗ୍ରାମ୍ୟ ଉନ୍ନୟନ ବିଭାଗ )
- ଜିଲ୍ଲା ପଞ୍ଚାୟତ ଅଧିକାରୀ
- ଜଣେ ପାରା- ମେଡିକାଲ କର୍ମଚାରୀ (ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦ୍ୱାରା ମନୋନୀତ)
- ଜିଲ୍ଲା ଗଣ ଶିକ୍ଷା ଓ ସୂଚନା ଅଧିକାରୀ
- ସହଯୋଗୀ ସଭ୍ୟ /ସଂସ୍ଥାପକ ସଭ୍ୟ, ଯଦି ଥାଆନ୍ତି
  ସଂସ୍ଥାପକ ସଭ୍ୟ, ଯଦି ଥାଆନ୍ତି

## ପରିଚାଳନା ପରିଷଦ-ଉପଖଣ୍ଡ ଡାକ୍ତରଖାନା

| | |
|---|---|
| ଅଧ୍ୟକ୍ଷ | : ଉପଜିଲ୍ଲାପାଳ |
| ସହଯୋଗୀ ଅଧ୍ୟକ୍ଷ | : ସହକାରୀ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ / ଜିଲ୍ଲାକାର୍ଯ୍ୟକ୍ରମ ଅଧିକାରୀ |
| ସଭ୍ୟ ସମ୍ପାଦକ | : ଉପଖଣ୍ଡ ଚିକିତ୍ସାଧିକାରୀ |

**ସଭ୍ୟ ବୃନ୍ଦ :**

- ସ୍ଥାନୀୟ ସାଂସଦ / ବିଧାୟକ କିମ୍ବା ତାଙ୍କର ପ୍ରତିନିଧି
- ଡାକ୍ତରଖାନାର ବରିଷ୍ଠ ଚିକିତ୍ସାଧିକାରୀ
- ଜଣେ ଆୟୁର୍ବେଦିକ / ହୋମିଓପାଥିକ୍ ଡାକ୍ତର
- ସଦର ସବ୍ ଡିଭିଜନ୍ ର ଜଣେ ସି.ଡି.ପି.ଓ (ମହିଳା ଓ ଶିଶୁ ବିକାଶ ବିଭାଗ )
- ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ
- ପଞ୍ଚାୟତରାଜ ବିଭାଗର ଏସ୍.ଡି.ପି.ଓ
- ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ( ଜଳ ଓ ପରିମଳ ବିଭାଗ)
- ବିଦ୍ୟାଳୟ ଗୁଡିକର ଜିଲ୍ଲା ତଦାରଖକାରୀ (ଶିକ୍ଷା ବିଭାଗ )
- ସେ ଅଞ୍ଚଳର ସ୍ୱାସ୍ଥ୍ୟ ସହିତ ସମ୍ପୃକ୍ତ କାର୍ଯ୍ୟରତ ଏନ୍. ଜି. ଓ .ର ପ୍ରତିନିଧି
- ସେହି ସହରର ଜଣେ ବିଶିଷ୍ଟ ନାଗରିକ (ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ)
- ପଞ୍ଚାୟତରାଜ ଅନୁଷ୍ଠାନର ପ୍ରତିନିଧି
- ସ୍ୱୟଂ ସହାୟକ ଗୋଷ୍ଠୀ /ମହିଳା ସମିତିର ସର୍ବାଧିକ ୨ ଜଣ ମହିଳା ପ୍ରତିନିଧି (ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ)
- ସହଯୋଗୀ ସଭ୍ୟ ( ଯଦି ଥାଆନ୍ତି)
- ସଂସ୍ଥାପକ ସଭ୍ୟ (ଯଦି ଥାଆନ୍ତି)

## ପରିଚାଳନା ପରିଷଦ - ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର / ବ୍ଲକ ସ୍ତରୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର/ ଏଫ୍. ଆର. ୟୁ / ଉନ୍ନୀତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର/ ଅଞ୍ଚଳ ଡାକ୍ତରଖାନା (ଗ୍ରାମାଞ୍ଚଳ )

| | |
|---|---|
| ଅଧ୍ୟକ୍ଷ | : ପଞ୍ଚାୟତ ସମିତିର ଅଧ୍ୟକ୍ଷ |
| ସହଯୋଗୀ ଅଧ୍ୟକ୍ଷ | : ବ୍ଲକ ଉନ୍ନୟନ ଅଧିକାରୀ |
| ସଭ୍ୟ ସମ୍ପାଦକ | : ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର/ ବ୍ଲକସ୍ତରୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର / ଏଫ.ଆର. ୟୁ / ଉନ୍ନୀତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର/ ଅଞ୍ଚଳ ଡାକ୍ତରଖାନା (ଗ୍ରାମାଞ୍ଚଳ ) ର ଭାରପ୍ରାପ୍ତ ଚିକିତ୍ସାଧିକାରୀ |
| ଉପ ସଭ୍ୟ ସମ୍ପାଦକ | : ବ୍ଲକ କାର୍ଯ୍ୟକ୍ରମ ପରିବାହକ (BPO) |
| ଉପ କୋଷାଧକ୍ଷ | : ବ୍ଲକ ହିସାବ ନରୀକ୍ଷକ ତଥା ତଥ୍ୟ ସହକାରୀ (BADA) |

**ସଭ୍ୟ ବୃନ୍ଦ :**

- ସ୍ଥାନୀୟ ସାଂସଦ/ ବିଧାୟକ କିମ୍ବା ତାଙ୍କର ପ୍ରତିନିଧି
- ସେହି ଡାକ୍ତରଖାନାର ଚିକିତ୍ସାଧିକାରୀ
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବା ବ୍ଲକର ଜଣେ ଆୟୁର୍ବେଦିକ/ ହୋମିଓପାଥିକ୍ ଡାକ୍ତର
- ସେହି ବ୍ଲକର ସି.ଡି.ପି.ଓ ( ମହିଳା ଓ ଶିଶୁ ବିକାଶ ବିଭାଗ )
- କନିଷ୍ଠ ଯନ୍ତ୍ରୀ ( ଗ୍ରାମ୍ୟ ଉନ୍ନୟନ ବିଭାଗ )
- ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ( ପଞ୍ଚାୟତରାଜ ବିଭାଗ )
- କନିଷ୍ଠ ଯନ୍ତ୍ରୀ ( ଜଳ ଓ ପରିମଳ ବିଭାଗ )
- ବିଦ୍ୟାଳୟର ତଦାରଖକାରୀ ( ଶିକ୍ଷା ବିଭାଗ )
- ସମ୍ପ୍ରସାରଣ ଅଧିକାରୀ /ସାମାଜିକ ଶିକ୍ଷା ସଙ୍ଗଠକ ( ସମାଜ ମଙ୍ଗଳ ବିଭାଗ )
- ସେ ଅଞ୍ଚଳରେ ସ୍ୱାସ୍ଥ୍ୟକ୍ଷେତ୍ରରେ କାର୍ଯ୍ୟରତ ଏନ୍. ଜି.ଓ.ର ପ୍ରତିନିଧି
- ସେହି ବବ୍ଲର ଜଣେ ବିଶିଷ୍ଟ ନାଗରିକ ( ଅଧ୍ୟକ୍ଷ ଓ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ)
- ପଞ୍ଚାୟତରାଜ ଅନୁଷ୍ଠାନର ପ୍ରତିନିଧି
- ବ୍ଲକ୍ ସମ୍ପ୍ରସାରଣ ଶିକ୍ଷାଦାତା ( ବି.ଇ.ଇ )
- ସ୍ୱୟଂ ସହାୟକ ଗୋଷ୍ଠୀ / ମହିଳା ସମିତିର ଜଣେ ମହିଳା ପ୍ରତିନିଧି ( ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ )
- ସହଯୋଗୀ ସଭ୍ୟ / ସଂସ୍ଥାପକ ସଭ୍ୟ , ଯଦି ଥାଆନ୍ତି

## ପରିଚାଳନା ପରିଷଦ : ଅଞ୍ଚଳ ଡାକ୍ତରଖାନା-(ସହରାଞ୍ଚଳ)

| | | |
|---|---|---|
| ଅଧ୍ୟକ୍ଷ | : | ମ୍ୟୁନିସିପାଲିଟି /ଏନ୍. ଏ. ସି.ର ଅଧ୍ୟକ୍ଷ |
| ସହଯୋଗୀ ଅଧ୍ୟକ୍ଷ | : | ସହକାରୀ ଜିଲ୍ଲା ଚିକିତ୍ସା ଅଧିକାରୀ (ମେଡିକାଲ) |
| ସଭ୍ୟ ସମ୍ପାଦକ | : | ଏରିଆ ହସ୍ପିଟାଲ୍‌ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ |

### ସଭ୍ୟ ବୃନ୍ଦ :

- ଡାକ୍ତରଖାନାର ଚିକିତ୍ସା ଅଧିକାରୀମାନେ
- ସେହି ଅଞ୍ଚଳର ଜଣେ ଆୟୁର୍ବେଦିକ /ହୋମିଓପାଥିକ ଡାକ୍ତର
- ମ୍ୟୁନିସିପାଲଟି/ ଏନ୍. ଏ. ସି.ର କାର୍ଯ୍ୟକାରୀ ଅଧିକାରୀ
- ମ୍ୟୁନିସିପାଲଟିର ସ୍ୱାସ୍ଥ୍ୟ ଅଧିକାରୀ
- ସ୍ଥାନୀୟ ସାଂସଦ /ବିଧାୟକ କିମ୍ବା ତାଙ୍କ ପ୍ରତିନିଧି
- ସେହି ଅଞ୍ଚଳର ସି.ଡି. ପି. ଓ ( ମହିଳା ଓ ଶିଶୁ ବିକାଶ ବିଭାଗ )
- ଏସ୍.ଡି. ପି. ଓ / ଜି.ପି.ଇ.ଓ ( ପଞ୍ଚାୟତରାଜ ବିଭାଗ)
- ସହକାରୀ ଯନ୍ତ୍ରୀ /କନିଷ୍ଠ ଯନ୍ତ୍ରୀ ( ଜନସ୍ୱାସ୍ଥ୍ୟ ବିଭାଗ )
- ସ୍କୁଲ ଇନ୍‌ସ୍‌ପେକ୍ଟର ( ଶିକ୍ଷା ବିଭାଗ )
- ସେହି ଅଞ୍ଚଳରେ ସ୍ୱାସ୍ଥ୍ୟକ୍ଷେତ୍ରରେ କାର୍ଯ୍ୟରତ ଏନ୍. ଜି. ଓ. ର ପ୍ରତିନିଧି
- ସେହି ଅଞ୍ଚଳର ୨ ଜଣ ବିଶିଷ୍ଟ ନାଗରିକ ( ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ)
- ମ୍ୟୁନିସିପାଲିଟି /ଏନ୍. ଏ. ସି. ର ଜଣେ କାଉନ୍ ସିଲର ( ଅଧ୍ୟକ୍ଷଙ୍କ ଦ୍ୱାରା ମନୋନିତ)
- ନିକଟତମ ବ୍ଲକ୍ ର ବ୍ଲକ ସମ୍ପ୍ରସାରଣ ଶିକ୍ଷାଦାତା ( ବି.ଇ.ଇ )
- ୨ ଜଣ ପାରାମେଡିକାଲ ଷ୍ଟାଫ ( ଜଣେ ଷ୍ଟାଫ୍ ନର୍ସ ଓ ଜଣେ ପୁରୁଷ ପ୍ରତିନିଧି/ ଫାର୍ମାସିଷ୍ଟ)
- ସ୍ୱୟଂ ସହାୟକ ଗୋଷ୍ଠୀ/ ମହିଳା ସମିତିର ଜଣେ ମହିଳା ପ୍ରତିନିଧି ( ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ )
- ସଂସ୍ଥାପକ ସଭ୍ୟ ( ଯଦି ଥାଆନ୍ତି )
- ସହଯୋଗୀ ସଭ୍ୟ ( ଯଦି ଥାଆନ୍ତି )

## ପରିଚାଳନା ପରିଷଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)

| | |
|---|---|
| ଅଧ୍ୟକ୍ଷ | : ଜିଲ୍ଲା ପରିଷଦର ସଭ୍ୟ (ଯାହାଙ୍କର ଅଧିକାଂଶ ଅଞ୍ଚଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିସରଭୁକ୍ତ ହୋଇଥିବ) |
| ସହଯୋଗୀ ଅଧ୍ୟକ୍ଷ | : ବ୍ଲକ ଉନ୍ନୟନ ଅଧିକାରୀ |
| ଉପାଧ୍ୟକ୍ଷ | : ବ୍ଲକ ମେଡିକାଲ ଅଫିସର ( ଭାରପ୍ରାପ୍ତ) |
| ସଭ୍ୟ ସମ୍ପାଦକ ଓ କୋଷାଧ୍ୟକ୍ଷ | : ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ |

### ସଭ୍ୟ ବୃନ୍ଦ

- ଅତିରିକ୍ତ ବି.ଡି. ଓ /ବ୍ଲକର ସାମାଜିକ ଶିକ୍ଷା ସଙ୍ଗଠକ
- ସେ ଅଞ୍ଚଳର ଆୟୁର୍ବେଦିକ /ହୋମିଓପାଥିକ୍ ଡାକ୍ତର
- ସେ ଅଞ୍ଚଳର ଆଇ. ସି.ଡି. ଏସ୍ ସୁପରଭାଇଜର
- କନିଷ୍ଠ ଯନ୍ତ୍ରୀ ( ଗ୍ରାମ୍ୟ ଉନ୍ନୟନ ବିଭାଗ )
- ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ
- କ୍ଷେତ୍ରସ୍ତରୀୟ ଏନ୍. ଜି. ଓ. ର ପ୍ରତିନିଧି
- ସେ ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟକ୍ତି ( ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ)
- ବ୍ଲକ ସମ୍ପ୍ରସାରଣ ଶିକ୍ଷାଦାତା ( ବି.ଇ.ଇ )
- ସ୍ୱୟଂସହାୟକ ଗୋଷ୍ଠୀ /ମହିଳା ସମିତିର ଜଣେ ମହିଳା ପ୍ରତିନିଧି (ସି.ଡି. ପି.ଓ ଙ୍କ ଦ୍ୱାରା ମନୋନୀତ )

- ବ୍ଲକ କାର୍ଯ୍ୟକ୍ରମ ସଙ୍ଗଠକ (ବି.ପି. ଓ)
- ଷ୍ଟାଫ୍ ନର୍ସ
- ଫାର୍ମାସିଷ୍ଟ୍
- ହେଡ୍ କ୍ୱାଟର ଏ.ଏନ.ଏମ

## ରୋଗୀ କଲ୍ୟାଣ ସମିତିର ବୈଠକ :

- ✓ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦର ବୈଠକ ତିନିମାସକୁ ଥରେ ବସିଥାଏ ।
- ✓ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟିର ବୈଠକ ପ୍ରତିମାସରେ ଥରେ ବସିଥାଏ ।

## ସମ୍ବଳ ସଂଗ୍ରହ କରିବା :

ପ୍ରତ୍ୟେକ କମିଟି କାମ ଆରମ୍ଭ କରିବା ପାଇଁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ କିଛି ପରିମାଣର ଅନୁଦାନ ପ୍ରଥମେ ଯୋଗାଇ ଦେଇଛି ।

| | |
|---|---|
| ଜିଲ୍ଲା ମୁଖ୍ୟଚିକିତ୍ସାଳୟ/ରାଜଧାନୀ ଚିକିତ୍ସାଳୟ, ଭୁବନେଶ୍ୱର/ସରକାରୀ ଚିକିତ୍ସାଳୟ ରାଉରକେଲା | - ୫ ଲକ୍ଷ ଟଙ୍କା |
| ଉପଖଣ୍ଡ ଚିକିତ୍ସାଳୟ | - ୧ ଲକ୍ଷ ଟଙ୍କା |
| ବ୍ଲକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର/ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର/ ଉନ୍ନୀତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର/ଅଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର | - ୧ ଲକ୍ଷ ଟଙ୍କା |
| ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ) | - ୭୫,୦୦୦ ଟଙ୍କା |

(୨୫୦୦୦ ଖୋଲାପାଣ୍ଠି ଏବଂ ୫୦୦୦୦ଟଙ୍କା ବାର୍ଷିକ ରକ୍ଷଣାବେକ୍ଷଣ ଅନୁଦାନ)

୧. ବିଭିନ୍ନ ସୂତ୍ରରୁ କମିଟି ସମ୍ବଳ ସୃଷ୍ଟି କରିବା ଆବଶ୍ୟକ ଯଥା ସ୍ଥାନୀୟ ଜନହିତକାରୀ ବ୍ୟକ୍ତି, ପଞ୍ଚାୟତ, ଶିଳ୍ପ/ କର୍ପୋରେଟ୍ ସଂସ୍ଥା , ଏନ.ଜି.ଓ, ଟ୍ରଷ୍ଟ ବା ସମିତି ଆଦି ।
୨. ସ୍ଥାନୀୟ ଶିଳ୍ପପତି ଓ ବ୍ୟକ୍ତିବିଶେଷଙ୍କ ଠାରୁ ଅନୁଦାନ ଓ ଦାନ ।
୩. ସ୍ୱାସ୍ଥ୍ୟ ଅନୁଷ୍ଠାନର ସମ୍ପତ୍ତି, ଯାହାକି ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ୟବହାର ପାଇଁ ଅଯୋଗ୍ୟ ବୋଲି ବା ଅଦରକାରୀ ବୋଲି ଘୋଷଣା କରାଯାଇଛି, ସେସବୁକୁ ନିଲାମ କରି ଅର୍ଥ ସଂଗ୍ରହ କରିବା
୪. ଆୟ ସୃଷ୍ଟିକାରୀ ସେବା ଯୋଗାଇ ଦେବା ( ସ୍କୁଟର ବା ସାଇକେଲ ଷ୍ଟାଣ୍ଡ, ଆମ୍ବୁଲାନସ୍ ସେବା, ଔଷଧ ଦୋକାନ, ଜଳଖିଆ ଦୋକାନ ଇତ୍ୟାଦି) ।
୫. ପ୍ରକାଶନ ଜରିଆରେ ପାଣ୍ଠି ସଂଗ୍ରହ କରିବା ।
୬. ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନ ଗୁଡିକରୁ ଋଣ ଆଣିବା ।
୭. ରୋଗୀ କଲ୍ୟାଣ ସମିତି ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ନିମନ୍ତେ ଡାକ୍ତରଖାନା ହତାରେ ଥିବା ଖାଲି ସ୍ଥାନକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବିକାଶ କରିବା ବା ଚୁକ୍ତି ଭିତ୍ତିରେ ଭଡା ଦେବା ।
୮. ବିଭିନ୍ନ ସହାୟକ ସେବା ଯଥା ସଫେଇ, ରଜକ ସେବା, ନିଦାନ ସୁବିଧା, ଆମ୍ବୁଲାନ୍ସ ସେବା, ଜଳଖିଆ ଦୋକାନ ଆଦିରେ ଉନ୍ନତି ଆଣିବା ନିମନ୍ତେ ଘରୋଇ ସଂସ୍ଥା (ବ୍ୟକ୍ତିବିଶେଷ ସମେତ) ସହିତ ସହଭାଗୀତା ସୂତ୍ରରେ ରାଜିନାମା କରିବା ।
୯. ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦର ନିଷ୍ପତ୍ତି ଅନୁସାରେ ଡାକ୍ତରଖାନା ଦ୍ୱାରା ଯୋଗାଇ ଦିଆଯାଉଥିବା ସେବା ଉପଯୋଗ ଦେୟ (ଅନୁମୋଦିତ ସେବା ନିମନ୍ତେ) ରୁ ଅର୍ଥ ସଂଗ୍ରହ କରିବା ।

ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ଅନ୍ୟାନ୍ୟ ଦୁଃସ୍ଥତା ପ୍ରବଣ ଗୋଷ୍ଠୀ ଯେପରି ସେବା ଉପଯୋଗ ଦେୟରୁ ଛାଡପାଆନ୍ତି, ତାକୁ ନିଶ୍ଚିତ କରିବା ।
( ଉଦାହରଣ - ଦାରିଦ୍ର୍ୟ ସୀମାରେଖା ତଳେଥିବା ଲୋକ ଇତ୍ୟାଦି )

## ପ୍ରଜନନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁଣାତ୍ମକ ମାନର ସେବା

ପ୍ରତ୍ୟେକ ସ୍ୱାସ୍ଥ୍ୟ ଅନୁଷ୍ଠାନ ପ୍ରଦାନ କରୁଥିବା ଗୁଣାତ୍ମକ ସେବାର ସ୍ତରକୁ ରୋଗୀ କଲ୍ୟାଣ ସମିତି ଦ୍ୱାରା ନିୟମିତ ଭାବରେ ପର୍ଯ୍ୟାଲୋଚନା କରିବା ଆବଶ୍ୟକ । ଗୁଣାତ୍ମକ ସେବାର କେତେଗୁଡିଏ ସୂଚକ, ଯାହାକି ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡିକ ହାସଲ କରିବା ଉଚିତ ନିମ୍ନରେ ଉଲ୍ଲେଖ କରାଯାଇଛି ।

୧. ଭୌଗୋଳିକ, ସାମାଜିକ ଏବଂ ଆର୍ଥିକ ଅବସ୍ଥାକୁ, ଦୃଷ୍ଟିରେ ରଖି ପ୍ରଜନନ ସ୍ୱାସ୍ଥ୍ୟସେବା ପ୍ରତ୍ୟେକଙ୍କ ନିକଟବର୍ତ୍ତୀ ହେବା ଉଚିତ ।
୨. ସେବା ଉପଲବ୍ଧ ହେଉଥିବା ସ୍ଥାନର ପରିବେଶ ଉପଯୁକ୍ତ ଓ ଯଥାଯୋଗ୍ୟ ହେବା ବିଧେୟ ଯଥା ଏହାର ପରିଛନ୍ନତା , ଏକାନ୍ତତା ବା ନିଭୃତତା, ଗୋପନୀୟତା ଇତ୍ୟାଦି ।
୩. ସମସ୍ତ ପ୍ରକାର ଆବଶ୍ୟକ ଯନ୍ତ୍ରପାତି ସରଞ୍ଜାମ ଔଷଧ, ବ୍ୟବହାର୍ଯ୍ୟ ସାମଗ୍ରୀ ଉପଲବ୍ଧ ହେବା ଉଚିତ ।
୪. ସେବାର ସମସ୍ତ ପ୍ରକାର ମାନକ ଏବଂ ଦିଗ୍‌ଦର୍ଶନ ଉପଲବ୍ଧ ହେବା ଉଚିତ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀମାନେ ବୈଷୟିକ ଦୃଷ୍ଟିରୁ ଦକ୍ଷ ହେବା ଉଚିତ ।
୫. ସେବା ଗୁଡିକ ସଂକ୍ରମଣ ମୁକ୍ତ ଓ ଅବସ୍ଥା ପତନମୁକ୍ତ ହେବା ଉଚିତ ।
୬. ପରସ୍ପର ଭିତରେ ସଂଚାରଣ ପ୍ରକିୟା ଯଥାଯୋଗ୍ୟ ହେବା ଉଚିତ ।
୭. ସ୍ୱାସ୍ଥ୍ୟସେବା ଓ ଯତ୍ନ ଠିକ ସମୟରେ କରାଯିବା ଉଚିତ ।
୮. ସମ୍ପୂର୍ଣ୍ଣ,ସଠିକ୍ ଓ ସାମ୍ପ୍ରତିକ ତଥ୍ୟକୁ ଆଧାରକରି ସେବାର୍ଥୀ ନିଷ୍ପତ୍ତି ନେବା ବିଧେୟ ।
୯. ସ୍ୱାସ୍ଥ୍ୟସେବାରେ ନିରନ୍ତର ପ୍ରବାହ ରହିବା ଉଚିତ ( ସମ୍ପୂର୍ଣ୍ଣ, ଆବଶ୍ୟକ ଅନୁସରଣ ଓ ଯଥାଯୋଗ୍ୟ ପ୍ରେରଣ )
୧୦. ସମନ୍ୱିତ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବା ଉଚିତ ( ସମସ୍ତ ଗୁରୁତ୍ୱପୂର୍ଣ୍ଣ ସେବା ଏକ ସ୍ଥାନରେ ମିଳିବା ଉଚିତ ) ।
୧୧. ଗୋଷ୍ଠୀର ଅଂଶଗ୍ରହଣ - ବିଶେଷ କରି ମହିଳାମାନଙ୍କର ଆବଶ୍ୟକତା - ଆକଳନ, ପର୍ଯ୍ୟାଲୋଚନା ଏବଂ ସେବା ସମ୍ବନ୍ଧୀୟ ନିଷ୍ପତ୍ତି କ୍ଷେତ୍ରରେ ।
୧୨. ସେବାର୍ଥୀର ପରିଜ୍ଞାନ ବା ଉପଲବ୍ଧି ଦୃଷ୍ଟିରୁ ଓ ସେବାର ମାନ ଅନୁସାରେ ସ୍ୱାସ୍ଥ୍ୟସେବା ଗୁଡିକ ସନ୍ତୋଷଜନକ ହେବା ଉଚିତ ।
୧୩. ସଠିକ୍ ମାନସିକତା ଓ ସହୃଦତାର ସହିତ ସେବା ପ୍ରଦାନ କରିବା ଉଚିତ ।

## ରୋଗୀ କଲ୍ୟାଣ ସମିତିର ଶପଥ

## ପ୍ରତ୍ୟେକ ଲୋକଙ୍କୁ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବା

### ରୋଗୀ କଲ୍ୟାଣ ସମିତି :

- ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ଉନ୍ନୟନ ମୂଳକ କାର୍ଯ୍ୟ ସଂପାଦନ କରିବା ।
- ଗୋଷ୍ଠୀ ସହାୟତାରେ ସ୍ଥାୟୀ ଓ ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ।
- ସମ୍ବଳର ବ୍ୟବସ୍ଥାପାଇଁ ନିୟମିତ ଭାବରେ ପାଣ୍ଠି ସଂଗ୍ରହ କରିବା ।
- ପାଣ୍ଠି ଉପଯୋଗ କରିବାରେ ସ୍ୱଚ୍ଛତା ରଖିବା ଏବଂ ଉତ୍ତରଦାୟୀ ହେବା ।